ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Sports and YS (OD)/ 592/08-07-2021**

# ଫିଫା ଫୁଟବଲ ପଡ଼ିଆ ସହ କଳିଙ୍ଗ ଷ୍ଟାଡିୟମ୍‌ର ଭିତ୍ତିଭୂମି ତଦାରଖ କଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର, ୦୮/୦୭/୨୦୨୧

ଫିଫା ୧୭ ବର୍ଷରୁ କମ୍ ମହିଳା ୱାଲର୍ଡ କପ୍-୨୦୨୨ ଲାଗି ରାଜଧାନୀ ଭୁବନେଶ୍ୱରଠାରେ ପ୍ରସ୍ତୁତ ହୋଇଥିବା ୫ଟି ପଡ଼ିଆକୁ ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ବୁଲି ଦେଖିଛନ୍ତି । କ୍ରୀଡ଼ା ବିଭାଗ ବରିଷ୍ଠ ଅଧିକାରୀ, ପିଏମ୍‌ୟୁ ଟିମ୍ ଏବଂ ପଡ଼ିଆ ନିର୍ମାଣ ଭାର ନେଇଥିବା ସଂସ୍ଥାର ଅଧିକାରୀମାନଙ୍କ ସହ ମନ୍ତ୍ରୀ ଶ୍ରୀ ବେହେରା ପଡ଼ିଆର ନିର୍ମାଣଶୈଳୀ, ମାନ ତଥା ସ୍ଥାୟିତ୍ୱ ବିଷୟରେ ଆଲୋଚନା କରିଥିଲେ । ନିର୍ମାଣ ହୋଇଥିବା ୫ଟି ପଡ଼ିଆ ମଧ୍ୟରେ କଳିଙ୍ଗ ଷ୍ଟାଡିୟମ୍‌ରେ ୨ଟି, ସପ୍ତମ ବାଟାଲିୟନ୍‌ରେ ୨ଟି ଏବଂ ୟୁନିଟ୍-୩ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲରେ ଗୋଟିଏ ଅବସ୍ଥିତ ।

ଏଥି ସହିତ ମନ୍ତ୍ରୀ ଶ୍ରୀ ବେହେରା ଆଜି କଳିଙ୍ଗ ଷ୍ଟାଡିୟମ୍‌ର ଭିତ୍ତିଭୂମି ସଂପ୍ରସାରଣ କାର୍ଯ୍ୟର ତଦାରଖ କରିଥିଲେ । କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଥିବା ବ୍ୟାଡ୍‌ମିଣ୍ଟନ ହାଇ ପରଫର୍ମାନ୍ସ ସେଣ୍ଟର, ଇଣ୍ଡୋର ଆଥଲେଟିକ୍ ଟ୍ରାକ୍, ଟେନିସ ସେଣ୍ଟର କୋର୍ଟ, ଆକ୍ୱାଟିକ୍ କମ୍ପ୍ଲେକ୍ସ, ହକି ହାଇ ପରଫର୍ମାନ୍ସ ସେଣ୍ଟର, ଅଫିସିଆଲ୍ ଓ କର୍ମଚାରୀଙ୍କ ଆବାସସ୍ଥଳୀର ସଂପ୍ରସାରଣ କାର୍ଯ୍ୟକୁ ବୁଲି ଦେଖିବା ସହ କାର୍ଯ୍ୟଭାର ନେଇଥିବା ସଂସ୍ଥାର କାର୍ଯ୍ୟନିର୍ବାହୀଙ୍କ ସହ କାର୍ଯ୍ୟର ମାନ ଏବଂ ସମୟ ଅବଧି ସଂପର୍କରେ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ କ୍ରୀଡ଼ା ବିଭାଗ ଉପଶାସନ ସଚିବ ରଞ୍ଜିତ ପରିଡ଼ା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସୁଜିତ ରଞ୍ଜନ ସ୍ୱାଇଁ
ସୂଚନା ଅଧିକାରୀ